# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 10 October – 2025

**********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ
- କଟକରେ ଉତ୍ତେଜନାମୂଳକ ପରିସ୍ଥିତି ନେଇ ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ; କହିଲେ ପୁଲିସ୍ କମିଶନର
- ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ'

ଏବଂ

- କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହେଲା ଜାତୀୟ କନିଷ୍ଠ ଦୌଡକୁଦ ପ୍ରତିଯୋଗିତା

## କ୍ୟାବିନେଟ୍

ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସନ୍ଧ୍ୟାରେ  ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସଂକ୍ରାନ୍ତ ପାରିତ ହେବାର କାର୍ଯ୍ୟସୂଚୀ ରହିଛି।

## ଡେପୁଟୀ ଗଭର୍ଣ୍ଣର ନିଯୁକ୍ତ

ଭାରତୀୟ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ଶିରୀଷ ଚନ୍ଦ୍ର ମୁର୍ମୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଥିଲେ। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ୍ କମିଟି ଶ୍ରୀ ମୁର୍ମୁଙ୍କ ନିଯୁକ୍ତିକୁ ଅନୁମୋଦନ ପ୍ରଦାନ କରିଥିଲେ। ଗତକାଲି  ଡେପୁଟୀ ଗଭର୍ଣ୍ଣର  ଏମ୍.ରାଜେଶ୍ୱର ରାଓ ଅବସର ଗ୍ରହଣ କରିବା ପରେ ଶ୍ରୀ ମୁର୍ମୁ କାର୍ଯ୍ୟ ଆରମ୍ଭ କରିଛନ୍ତି। ସେ ଏହି ପଦରେ ୩ ବର୍ଷ କାର୍ଯ୍ୟ କରିବେ।

## କଟକ ଗଣ୍ଡଗୋଳ

କଟକ ଦଶହରା ଭସାଣୀ ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ନେଇ ସାମାଜିକ ଗଣମାଧ୍ୟମରେ ଗୁଜବ ସୃଷ୍ଟି କରୁଥିବା ତଥା ଅପପ୍ରଚାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି **ପୁଲିସ୍ କମିଶନର ଏସ୍.ଦେବଦତ୍ତ ସିଂ** କହିଛନ୍ତି। କେତେକ ଲୋକ ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ତଥ୍ୟ ପୋଷ୍ଟ କରୁଛନ୍ତି। ଏହାଠାରୁ ନିବୃତ ରହିବା ପାଇଁ ପୁଲିସ୍ କମିଶନର କଡା ଚେତାବନୀ ଦେଇଛନ୍ତି। ତେବେ ସହରରେ

ସ୍ଥିତି ସ୍ୱାଭାବିକ ଅଛି। ଦରଘା ବଜାର ଓ କଦମରସୁଲ ଅଂଚଳରେ ପୁଲିସ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି। ଏଥିସହ ସହରର ସମସ୍ତ ଅଂଚଳରେ ପୁଲିସ୍ ମୁତୟନ କରାଯାଇଛି ବୋଲି ଶ୍ରୀ ସିଂ କହିଛନ୍ତି।

**- V/O –**

## ଭାରତ ରାଇସ୍ କନ୍‌ଫରେନ୍ସ

ନୂଆଦିଲ୍ଲୀର ଭାରତ ମଣ୍ଡପରେ ଆସନ୍ତା ୩୦ ତାରିଖରୁ ଦୁଇଦିନିଆ ଭାରତ ଅନ୍ତର୍ଜାତୀୟ ଚାଉଳ ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବ । ଏଥିପାଇଁ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିବାକୁ ଥିବା ଅନୁଷ୍ଠାନଗୁଡ଼ିକ ମଣ୍ଡପର ସମସ୍ତ ସ୍ଥାନ ଅଧିଗ୍ରହଣ କରିସାରିଛନ୍ତି ବୋଲି ଭାରତୀୟ ଚାଉଳ ରପ୍ତାନୀ ସଂଘ- IREF ସୂଚନା ଦେଇଛି । ସମ୍ମିଳନୀରେ ୮୦ରୁ ଅଧିକ ଦେଶରୁ ୧ହଜାରରୁ ଅଧିକ ବିଦେଶୀ କ୍ରେତା ଏବଂ ସମଗ୍ର ଭାରତରୁ ପ୍ରାୟ ୫ହଜାର କୃଷକ ସାମିଲ ହେବେ । କମ୍ପାନୀଗୁଡ଼ିକ ଜିଆଇ ଟ୍ୟାଗ୍, ପ୍ରିମିୟମ ଅଣ ବାସମତି କିସମ କାଳାନମକ ଚାଉଳ, କାଳି କାସା, ଗୋବିନ୍ଦ ଭୋଗ, ଇନ୍ଦ୍ରାୟଣୀ ଜୋହା ଏବଂ କଳା ଚାଉଳ ପ୍ରଦର୍ଶନ କରିବେ ।

## ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ

ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ ବା ଓଆଇଏସ୍ଏଫ୍‌ର ୩ଟି ବାଟାଲିୟନ୍ ମୁଖ୍ୟାଳୟ ଭୁବନେଶ୍ୱରରେ ରହିବ। ଏ ସମ୍ପର୍କରେ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପକାଶ ପାଇଛି।

## ଫର୍ମ ପୂରଣ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆସନ୍ତା ୧୩ ତାରିଖରୁ ଏକ୍ସ ରେଗୁଲାର ଓ ୨୦ ତାରିଖରେ ରେଗୁଲାର ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ଆରମ୍ଭ ହେବ। ତେବେ ଏହା ପୂର୍ବରୁ ବିଷୟ ସଂଶୋଧନ ପାଇଁ ଛାତ୍ରଛାତ୍ରୀଙ୍କୁ ତୃତୀୟ ଥର ସୁଯୋଗ ଦେବାକୁ ପରିଷଦ କଲେଜମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଆସନ୍ତା ୧୩ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ୱେବ୍‌ସାଇଟ୍ ଲିଙ୍କ୍ ଖୋଲାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡକ୍ଟର ପ୍ରଶାନ୍ତ କୁମାର ପରିଡା କହିଛନ୍ତି।

## ବାଲିଯାତ୍ରା ପ୍ରସ୍ତୁତି

କଟକ ବାଲିଯାତ୍ରାର ଆୟୋଜନ ନେଇ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ହାଇକୋର୍ଟଙ୍କ ରାୟ ପରେ ଉପର ପଡିଆରେ ଐତିହ୍ୟ ସମ୍ପର୍କିତ ଷ୍ଟଲ୍ ଖୋଲାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏଥିସହ ଉପର ପଡିଆରେ ପାର୍କିଂର ମଧ ବ୍ୟବସ୍ଥା ରହିବ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଜୀବନରେ ମାନସିକ ସ୍ୱାସ୍ଥ୍ୟର ମହତ୍ତ୍ୱ ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ହେଉଛି 'ସେବା ଉପଲବ୍ଧତା-ବିପର୍ଯ୍ୟୟ, ଜରୁରିକାଳୀନ ପରିସ୍ଥିତିରେ ମାନସିକ ସ୍ୱାସ୍ଥ୍ୟ'। ୧୯୯୨ ମସିହାରୁ ଆରମ୍ଭ ହୋଇଥିବା ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା, ଏହାର ନିରାକରଣ ଏବଂ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ସଚେତନତା ମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ତଥା ସଂସ୍ଥାଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ମାନସିକ ସ୍ୱାସ୍ଥ୍ୟ ଆମ ସମଗ୍ର ସ୍ୱାସ୍ଥ୍ୟର ଏକ ଅବିଚ୍ଛେଦ୍ୟ ଅଂଶ। ଆଜିର ଦ୍ରୁତ ଗତିଶୀଳ ଜୀବନରେ ନିଜ ପ୍ରତି ତଥା ଅନ୍ୟମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା ମାନସିକ ସୁସ୍ଥତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ନଡ୍ଡା କହିଛନ୍ତି, ଏହି ଦିବସ ମାନସିକ ସ୍ୱାସ୍ଥ୍ୟପ୍ରତି ସଚେତନତା ସୃଷ୍ଟି ସହ ଏ ସମ୍ପର୍କରେ ବିସ୍ତୃତ

ଭାବେ ଆଲୋଚନା କରିବାର ସୁଯୋଗ ଦେଇଥାଏ। ଶ୍ରୀ ନଡ୍ଡା ଜନସାଧାରଣଙ୍କୁ ମାନସିକ ସ୍ୱାସ୍ଥ୍ୟ ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ ପରସ୍ପର ବୁଝାମଣା ଏବଂ ଆବଶ୍ୟକ ସମୟରେ ସମସ୍ତଙ୍କୁ ମାନସିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍‌ପିଟାଲ୍‌ର ଟେଲିମାନସ ବିଭାଗର ପରାମର୍ଶଦାତା **ସୂଚନା ଦାସ** କହିଛନ୍ତି....

**- V/O -**

## ମାନସିକ ସ୍ୱାସ୍ଥ୍ୟ-ଜିଲ୍ଲା

**ନବରଙ୍ଗପୁର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟରକ୍ଷାର ଆବଶ୍ୟକତା ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା।

## ବିଶ୍ୱ ଅଣ୍ଡା ଦିବସ

ଶରୀରକୁ ଆବଶ୍ୟକ ଶକ୍ତି ଓ ପୁଷ୍ଟିସାର ଯୋଗାଇବା ପାଇଁ ଅଣ୍ଡା ଉତ୍କୃଷ୍ଟ ଖାଦ୍ୟ ଭାବେ ପରିଗଣିତ ହୋଇଥାଏ। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ମାସର ଦ୍ୱିତୀୟ ଶୁକ୍ରବାର ଦିନକୁ ବିଶ୍ୱ ଅଣ୍ଡା ଦିବସ ଭାବେ ପାଳନ କରାଯାଉଛି। ୧୯୯୬ ମସିହା ଆଜିର ଦିନରେ

ଅନ୍ତର୍ଜାତୀୟ ଅଣ୍ଡା କମିଶନ-ଆଇଆଇସି ଦ୍ୱାରା ଏହା ପ୍ରଥମ ଥର ପାଇଁ ପାଳନ କରାଯାଇଥିଲା। ବର୍ତ୍ତମାନ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇଛି। ଚଳିତବର୍ଷ ଏହି ଦିବସ ପାଇଁ ବିଷୟବସ୍ତୁ ରହିଛି 'ଶକ୍ତିଶାଳୀ ଅଣ୍ଡା, ପ୍ରାକୃତିକ ପୁଷ୍ଟିସାରରେ ପରିପୂର୍ଣ୍ଣ'। ଭୁବନେଶ୍ୱର ଲୋକସେବା ଭବନରେ ଆଜି ବିଶ୍ୱ ଅଣ୍ଡା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଯୋଗଦେଇଥିଲେ।

## ନୋବେଲ ଶାନ୍ତି ପୁରସ୍କାର

ଚଳିତବର୍ଷ ପାଇଁ ନୋବେଲ ଶାନ୍ତି ପୁରସ୍କାର ଘୋଷଣା କରାଯାଇଛି। ଭେନେଜୁଏଲାର ଲୋକମାନଙ୍କ ଗଣତାନ୍ତ୍ରିକ ଅଧିକାର ପାଇଁ ଅବିଶ୍ରାନ୍ତ ଭାବରେ କାର୍ଯ୍ୟ କରୁଥିବା ମାରିଆ କୋରିନା ମଚାଡୋଙ୍କୁ ୨୦୨୫ ମସିହା ପାଇଁ ନୋବେଲ ଶାନ୍ତି ପୁରସ୍କାର ଲାଗି ମନୋନୀତ କରାଯାଇଛି।

## ବରିଷ୍ଠ ନାଗରିକ ଦିବସ

**ନବରଙ୍ଗପୁର** ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆଜି ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି। ୧୦ଟି ବ୍ଲକ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯିବା ସହ ସଚେତନ କରାଯାଉଛି।

# କାଳୀପୂଜା-ବୈଠକ

କଟକ ମହାନଗର ଶାନ୍ତିକମିଟି ବୈଠକରେ ଚଳିତମାସ ୨୪ ତାରିଖରେ କାଳୀପୂଜା ଭସାଣୀ ଉତ୍ସବ ଅନୁଷ୍ଠିତ ହେବାନେଇ ନିଷ୍ପତ୍ତି ହୋଇଛି । କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୨୦ରେ ମହାକାଳୀ ପୂଜା, ୨୨ ଓ ୨୩ରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡିଛି । ଭସାଣ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

# ଦୌଡ଼କୁଦ ପ୍ରତିଯୋଗିତା

ଭାରତୀୟ ଓ ଓଡ଼ିଶା ଦୌଡ଼କୁଦ ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ୪୦ତମ ଜାତୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି । କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୨ହଜାର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି ।

ରାଜ୍ୟରୁ ୭୫ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଥିବାବେଳେ ହରିୟାଣାରୁ ସର୍ବାଧିକ ୧୪୭ ଜଣ କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି।

ଏଥିସହ ଆସନ୍ତାକାଲିଠାରୁ ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍‌ରେ ୨୮ତମ ଏସୀୟ ଟେବୁଲ ଟେନିସ୍ ଦଳଗତ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହେବ ।

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଘୂର୍ଣ୍ଣିବଳୟର ପ୍ରଭାବରେ ଆସନ୍ତା ରବିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ ବିଭାଗ ପ୍ରାୟ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରିଛି ।

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି । କୋରାପୁଟ ଜିଲ୍ଲାର କୋଟପାଡ ଅଂଚଳରେ ସର୍ବାଧିକ ୫୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ସେହିପରି ନୟାଗଡ଼ ଜିଲ୍ଲାର ବରମୂଳରେ ୩୭ ଦଶମିକା ୪ ମିଲିମିଟର, ବରଗଡ଼ ଜିଲ୍ଲାର ବିଜେପୁରରେ ୩୭ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।